# ଗଣିତ

ନାମ : ..................................................ରୋଲ ନମ୍ବର : ..................

ଶ୍ରେଣୀ : ............................ ବ୍ଲକ୍ : ..................................................

ବିଦ୍ୟାଳୟର ନାମ: ..................................................................................

ଜିଲ୍ଲା : ............................................................................................

ସୂଚନା : * ଏହା ପରୀକ୍ଷା ନୁହେଁ ।

* ଏକ ଘଣ୍ଟା ତିରିଶ ମିନିଟ ମଧ୍ୟରେ ପ୍ରଶ୍ନାବଳୀର ଉତ୍ତର ଦେବା ପାଇଁ ଚେଷ୍ଟାକର ।

* ଦିଆଯାଇଥିବା ପ୍ରତ୍ୟାଶିତ ଉତ୍ତରରୁ (କ,ଖ, ଗ ଓ ଘ) ଯେଉଁଠି ଠିକ୍, ତାର ଚାରିପଟେ ଗୋଲ / ମୁଣ୍ଡୁଳା ବୁଲାଇ ଚିହ୍ନାଅ ।

୧. ଦୁଇଟି ଅଯୁଗ୍ମ ସଂଖ୍ୟାର ଯୋଗଫଳ କି ପ୍ରକାର ସଂଖ୍ୟା ହେବ ?

କ. ଅଯୁଗ୍ମ ସଂଖ୍ୟା ହେବ । ଖ. ଯୁଗ୍ମ ସଂଖ୍ୟା ହେବ ।

ଗ. ଯୁଗ୍ମ ବା ଅଯୁଗ୍ମ ସଂଖ୍ୟା ହୋଇପାରେ । ଘ. କହିହେବ ନାହିଁ ।

୨. ନିମ୍ନ ସଂଖ୍ୟା ଗୁଡିକୁ ବଡରୁ ସାନ କ୍ରମେ ସଜାଇଲେ କେଉଁ ସଂଖ୍ୟାଟି ଡାହାଣ ପଟରୁ ତୃତୀୟ ସ୍ଥାନରେ ରହିବ ?

520, 378, 738, 388, 347, 642, 359, 538

କ. 538 ଖ. 388

ଗ. 378 ଘ. 359

୩. ଗୋଟିଏ ବିଦ୍ୟାଳୟରେ ୯ଟି ଶ୍ରେଣୀ ଅଛି । ପ୍ରତ୍ୟେକ ଶ୍ରେଣୀରେ ୪୫ ଜଣ ଛାତ୍ର ଛାତ୍ରୀ ଅଛନ୍ତି । ତେବେ ବିଦ୍ୟାଳୟର ଛାତ୍ର ସଂଖ୍ୟା ନିମ୍ନୋକ୍ତ ହିସାବ ମଧ୍ୟରୁ କେଉଁଟି ସହ ସମାନ ହେବ ନାହିଁ ?

କ. 9 x 45 ଖ. 9 x (22+23)

ଗ. 45 x (7+2) ଘ. 9 x (50-41)

୪. ଗୋଟିଏ ବଡ ଜାର୍‌ରେ ୭୬ଲିଟର ୬୪୦ ମି.ଲି. ତେଲ ଥିଲା । ଧିରେନ୍ ସେଥିରୁ ୧୬ ଲିଟର ୨୫୦ ମି.ଲି. ତେଲ ବିକି ଦେଲା । ତେବେ ସେହି ଜାର୍‌ରେ ଆଉ କେତେ ତେଲ ବଳି ପଡିଲା ?

କ. 60 ଲିଟର 390 ମି.ଲି. ଖ. 92 ଲିଟର 890 ମି.ଲି.

ଗ. 72 ଲିଟର 290 ମି.ଲି. ଘ. 82 ଲିଟର 790 ମି.ଲି.

୫. ଜଣେ ମୂଲିଆ ସକାଳେ ୩ ଘଣ୍ଟା ୨୫ ମିନିଟ୍ କାମ କଲା ଓ ଉପରବେଳା ୨ ଘଣ୍ଟା ୩୫ ମିନିଟ୍ କାମ କଲା । ତେବେ ସେ କେତେ ଘଣ୍ଟାର କାମ ପାଇଁ ମଜୁରି ପାଇବ ?

କ. 5 ଘଣ୍ଟା 30 ମିନିଟ୍ ଖ. 7 ଘଣ୍ଟା

ଗ. 6 ଘଣ୍ଟା 30 ମିନିଟ୍ ଘ. 6 ଘଣ୍ଟା

୬.




I II III IV

ଉପରୋକ୍ତ କେଉଁ ଚିତ୍ର ମାନଙ୍କର ପରିସୀମା ସମାନ ?

କ. I , II ଖ. II ଓ III

ଗ. II, III ଓ IV ଘ. I , III ଓ IV

୭. ନିମ୍ନ ସଂଖ୍ୟାଗୁଡିକୁ ସାନରୁ ବଡକ୍ରମେ ସଜାଇ ଲେଖିଲେ ବାମପଟରୁ ତୃତୀୟ ସଂଖ୍ୟାଟି କେତେ ?

$\frac{7}{9}, \frac{1}{2}, \frac{3}{7}, \frac{6}{11}, \frac{3}{9}, \frac{4}{9}$

କ. $\frac{3}{9}$ ଖ. $\frac{4}{9}$

ଗ. $\frac{7}{9}$ ଘ. $\frac{6}{11}$

୮. କୌଣସି ବର୍ଷରେ କ୍ୟାଲେଣ୍ଡରରେ ମାର୍ଚ୍ଚ ମାସ 27 ତାରିଖ ରବିବାର ହୋଇଥିଲେ ସେହି ବର୍ଷ ଜୁନ୍ 26 ତାରିଖ କେଉଁ ବାର ପଡିବ ?

କ. ରବିବାର ଖ. ସୋମବାର

ଗ. ମଙ୍ଗଳବାର ଘ. ବୁଧବାର

୯. ଜଣେ ବେଲୁନ୍ ବିକାଳି 89ଟି ବେଲୁନ୍ ବିକିବାକୁ ନେଇଥିଲେ । ସେଥିରୁ କେତୋଟି ବେଲୁନ୍ ଫାଟିଗଲା । ବାକିତକ ବେଲୁନ୍ 9 ଜଣ ପିଲା ସମାନ ଭାବରେ ବାଣ୍ଟି ନେଲେ । ତେବେ ସର୍ବନିମ୍ନ କେତୋଟି ବେଲୁନ୍ ଫାଟିଥିବ ?

କ. 9ଟି ଖ. 11ଟି

ଗ. 17ଟି ଘ. 8ଟି

୧୦. 61ମି. 80 ସେ.ମି. ରୁ 25ମି. 30 ସେ.ମି.କୁ ବିୟୋଗଫଳ ନିମ୍ନୋକ୍ତ ମଧ୍ୟରୁ କେଉଁଟି ହେବ ନାହିଁ ?

କ. 3650 ସେ.ମି. ଖ. 3 ଡେକା ମି. 6ମି. 50 ସେ.ମି.

ଗ. 365000 ମିଲିମିଟର ଘ. 3650000 ଡେସି ମିଟର

୧୧. ନିମ୍ନୋକ୍ତ ଉକ୍ତି ଗୁଡିକ ମଧ୍ୟରୁ କେଉଁ ଉକ୍ତି ବୃତ୍ତ ପାଇଁ ଠିକ୍ ନୁହେଁ ।

କ. ବୃତ୍ତର ପରିସୀମା ଅଛି ।

ଖ. ବୃତ୍ତର ଗୋଟିଏ ମାତ୍ର ବ୍ୟାସାର୍ଦ୍ଧ ଅଙ୍କନ କରାଯାଇ ପାରିବ ।

ଗ. ବୃତ୍ତ ଏକ ଆବଦ୍ଧ ଚିତ୍ର ।

ଘ. ବୃତ୍ତର ସମସ୍ତ ବ୍ୟାସାର୍ଦ୍ଧ ସମାନ ।

୧୨. ଗୋଟିଏ 30 ଲିଟର ପାତ୍ର ଗୋଟିଏ 36 ଲିଟର ପାତ୍ର ଓ ଗୋଟିଏ 42 ଲିଟର ପାତ୍ର ରହିଛି । ସବୁଥିରେ ତେଲ ପୂର୍ଣ୍ଣ ହୋଇରହିଛି । ସର୍ବାଧିକ କେତେ ଲିଟର ବିଶିଷ୍ଟ ପାତ୍ରକୁ ଏକକ ରୂପେ ବ୍ୟବହାର କରି ପ୍ରତ୍ୟେକ ପାତ୍ରରୁ ପୂର୍ଣ୍ଣ ସଂଖ୍ୟାରେ ମାପ କରାଯାଇ ପାରିବ ।

କ. 10 ଲିଟର ଖ. 8 ଲିଟର

ଗ. 7 ଲିଟର ଘ. 6 ଲିଟର

୧୩. ବାପା ଆଣିଥିବା ଗୋଟିଏ କେକ୍‌ର $\frac{1}{3}$ ଅଂଶ ସୁଜାନ୍ ଖାଇଲା, $\frac{1}{4}$ ଅଂଶ ତାର ସାନ ଭାଇ ରାଜନ୍‌କୁ ଦେଲା । ତେବେ କେକ୍‌ର ଆଉ କେତେ ଅଂଶ ବଳକା ରହିଲା ।

କ. $\frac{3}{4}$ ଖ. $\frac{7}{12}$

ଗ. $\frac{5}{12}$ ଘ. $\frac{1}{12}$

୧୪. ସିମେଣ୍ଟ ଓ ବାଲି ମିଶ୍ରଣର ବାଲି ଅଂଶ 0.8 ଅଂଶ ହେଲେ ସିମେଣ୍ଟ କେତେ ଅଂଶ ?

କ. 2 ଅଂଶ ଖ. $\frac{2}{10}$ ଅଂଶ

ଗ. 20 ଅଂଶ ଘ. $\frac{1}{2}$ ଅଂଶ

୧୫. ସୁଦର୍ଶନ ସମ୍ବଲପୁରରୁ 6.30 a.m. ରେ ବସ୍‌ରେ ଚଢି ସେହିଦିନ 4.40 p.m. ରେ କେନ୍ଦୁଝରରେ ପହଞ୍ଚିଲେ । କେନ୍ଦୁଝରରେ ପହଞ୍ଚିବା ପାଇଁ ତାଙ୍କୁ କେତେ ସମୟ ଲାଗିଲା ?

କ. 11 ଘଣ୍ଟା 10 ମିନିଟ୍ ଖ. 2 ଘଣ୍ଟା 10 ମିନିଟ୍

ଗ. 10 ଘଣ୍ଟା 10 ମିନିଟ୍ ଘ. କହି ହେବ ନାହିଁ

୧୬. ନିମ୍ନୋକ୍ତ କେଉଁ ସଂଖ୍ୟା 11 ଦ୍ୱାରା ବିଭାଜ୍ୟ ନୁହେଁ ?

କ. 9559 ଖ. 95599955

ଗ. 5995 ଘ. 5599559

୧୭. A, B ଓ C ବିନ୍ଦୁ ତ୍ରୟ ଏକ ସମତଳରେ ଅବସ୍ଥିତ । ତେବେ A-B-C କଣ ସୂଚାଏ ନାହିଁ ?

କ. A, B ଓ C ଏକ ସରଳରେଖାରେ ଅବସ୍ଥିତ । ଖ. A ଓ B ର ମଧ୍ୟବର୍ତ୍ତୀ ବିନ୍ଦୁ C

ଗ. AB + BC = AC ଘ. B ବିନ୍ଦୁଟି A ଓ C ର ମଧ୍ୟବର୍ତ୍ତୀ ବିନ୍ଦୁ

୧୮. ଗୋଟିଏ ବିଦ୍ୟାଳୟରେ 8ମ ଶ୍ରେଣୀରେ ପଢୁଥିବା 22ଜଣ ପିଲାଙ୍କର ହାରାହାରି ବୟସ 13 ବର୍ଷ ଓ 9ମ ଶ୍ରେଣୀର ପଢୁଥିବା 28 ଜଣ ପିଲାମାନଙ୍କର ହାରାହାରି ବୟସ 15 ବର୍ଷ । ତେବେ ଏହି ଉଭୟ ଶ୍ରେଣୀର ଛାତ୍ରଛାତ୍ରୀଙ୍କର ହାରାହାରି ବୟସ କେତେ ?

କ. 14.12 ଖ. 14.00

ଗ. 14.21 ଘ. 14.16

୧୯. $x = 4,\ y = 2, z = 5$ ହେଲେ $x^2 - 3xy + z^2$ ର ମାନ କେତେ ?

କ. 16 ଖ. 24

ଗ. 25 ଘ. 17

୨୦. 375ର ଯୋଗାତ୍ମକ ବିଲୋମୀ କେତେ ?

କ. $\frac{1}{375}$ ଖ. ୦

ଗ. $-375$ ଘ. $0.375$

୨୧. $1.07 \times 0.02 =$ ?

କ. 2.14 ଖ. 0.0214

ଗ. 0.214 ଘ. 0.00214

୨୨. $(-2)^2 \times 7^2$ ର ମାନ କେତେ ?

କ. -196 ଖ. 28

ଗ. 98 ଘ. 196

୨୩.




(I) (II) (III)

ଉପରୋକ୍ତ କେଉଁ ଚିତ୍ରରେ ସ.କ.ବା ସର୍ବସମତା ରହିଛି ?

କ. I ଖ. II

ଗ. III ଘ. କୌଣସିଟିରେ ନାହିଁ

୨୪. ଗୋଟିଏ ଥଳିରେ ନାଲି, କଳା, ଧଳା, ନୀଳ, ସବୁଜ ଓ ହଳଦିଆ ପ୍ରତ୍ୟେକ ରଙ୍ଗରୁ ଗୋଟିଏ ଲେଖାଏଁ ସମାନ ଆକାର ବିଶିଷ୍ଟ ବଲ୍ ରହିଛି । ଆଖି ବନ୍ଦ କରି ଥଳି ଭିତରୁ ଗୋଟିଏ ବଲ୍ ଆଣିଲେ ଧଳା ରଙ୍ଗର ବଲ୍ ବାହାରିବାର ସମ୍ଭାବ୍ୟତା କେତେ ?

କ. $\frac{2}{7}$ ଖ. $\frac{1}{7}$

ଗ. $\frac{1}{3}$ ଘ. $\frac{1}{6}$

୨୫. $\frac{-3}{4}\left\{\frac{2}{3}+(-\frac{5}{6})\right\} = -\frac{3}{4}\times\frac{2}{3}+\left(\frac{-3}{4}\right)\left(\frac{-5}{6}\right)$

ଉପରୋକ୍ତ ଉକ୍ତିରେ କେଉଁ ନିୟମ ଲାଗୁ ହୋଇଛି ?

କ. ବ୍ୟୁତ୍କ୍ରମ ଖ. କ୍ରମ ବିନିମୟୀ ନିୟମ

ଗ. ବଣ୍ଟନ ନିୟମ ଘ. ସହଯୋଗୀ ନିୟମ

୨୬. $8^3 \times 4^{\frac{1}{2}} \div 16^2$ ରମାନ କେତେ ?

କ. 4 ଖ. 8

ଗ. 16 ଘ. 1

୨୭. ନିମ୍ନ ହଷ୍ଟୋଗ୍ରାମ୍‌ଟି ଗୋଟିଏ କାରଖାନାର ୮୦ ଜଣ ଶ୍ରମିକଙ୍କର ଦୈନିକ ରୋଜଗାର ସହ ସଂପୃକ୍ତ ଏକ ଭାଗବିଭକ୍ତ ତଥ୍ୟାବଳୀକୁ ଭିତ୍ତିକରି ଅଙ୍କିତ ହୋଇଛି ।




ସର୍ବାଧିକ ଓ ସର୍ବନିମ୍ନ ରୋଜଗାର କରୁଥିବା ମୋଟ ଶ୍ରମିକ ସଂଖ୍ୟା କେତେ ?

କ. 14 ଖ. 46

ଗ. 7 ଘ. 30

୨୮. $\Delta ABC$ ରେ $m\angle A + m\angle B = 125^0$ ଏବଂ $m\angle A + m\angle C = 113^0$ ହେଲେ $\Delta$ ର $m\angle A$ = ?

କ. $12^0$ ଖ. $70^0$

ଗ. $58^0$ ଘ. $65^0$

୨୯. ଗୋଟିଏ ସମଘନର ଆୟତନ 8000 ଘନମିଟର । ଏହାର ବାହୁର ଦୈର୍ଘ୍ୟ କେତେ ମିଟର ?

କ. 40 ମିଟର ଖ. 16 ମିଟର

ଗ. 20 ମିଟର ଘ. 10 ମିଟର

୩୦. ନିମ୍ନୋକ୍ତ କେଉଁ ଉକ୍ତିଟି ସତ୍ୟ ?

କ. ପ୍ରତ୍ୟେକ ଆୟତ ଚିତ୍ର ଏକ ସାମାନ୍ତରିକ ଚିତ୍ର ।

ଖ. ପ୍ରତ୍ୟେକ ସାମାନ୍ତରିକ ଚିତ୍ର ଏକ ଟ୍ରାପିଜିୟମ୍ ।

ଗ. ପ୍ରତ୍ୟେକ ରମ୍ବସ୍ ଏକ ବର୍ଗଚିତ୍ର ।

ଘ. ପ୍ରତ୍ୟେକ ଆୟତଚିତ୍ର ଏକ ବର୍ଗ ଚିତ୍ର ।

୩୧. $A = \{1, a, 2, b, 3, c, 4\}$ ହେଲେ $|P(A)|$ ର ମାନ କେତେ ?

କ. $7$ ଖ. $7^2$

ଗ. $2^7$ ଘ. ଏମାନଙ୍କ ମଧ୍ୟରୁ କୌଣସିଟି ନୁହେଁ ।

୩୨. $0.3\overline{2} + 1.\overline{2} =$...................

କ. $1.3\overline{2}$ ଖ. $1.\overline{32}$

ଗ. $1.\overline{54}$ ଘ. $1.5\overline{4}$

୩୩. $a^2 + b^2 - c^2 + 2ab,\ a^2 - b^2 + c^2 + 2ac, - a^2 + b^2 + c^2 + 2bc$

ପଲିନୋମିଆଲ୍ ମାନଙ୍କର ଗ.ସା.ଗୁ ନିମ୍ନୋକ୍ତ କେଉଁ ପଲିନୋମିଆଲ୍‌ଟି ହେବ ?

କ. $a^2 + b^2 + c^2$ ଖ. $a + b + c$

ଗ. $abc$ ଘ. ଏମାନଙ୍କ ମଧରି କୌଣସିଟି ନୁହେଁ ।

୩୪. $a:b=c:d$ ହେଲେ ନିମ୍ନୋକ୍ତ କେଉଁ ଉକ୍ତିଟି ଠିକ୍ ?

କ. $\frac{a+b}{b+d}=\frac{a+d}{b+c}$ ଖ. $ab = cd$

ଗ. $\frac{a+b}{a-b}=\frac{c+d}{c-d}$ ଘ. $\frac{a}{b} = \frac{a + b}{c + d}$

୩୫. $128 = a^7$ ହେଲେ $a$ ର ମାନ କେତେ ?

କ. 2 ଖ. 7

ଗ. 49 ଘ. 4

୩୬. $\Delta ABC$ ର $\underline{|ACD}$ ବହିଃସ୍ଥ କୋଣ । $m\underline{|ABD} = 67^0$ ଓ $m\underline{|ACD} = 133^0$ ହେଲେ $m\underline{|BAC}$ ର ପରିମାଣ କେତେ ଡିଗ୍ରୀ ?

କ. $66^0$ ଖ. $67^0$

ଗ. $66.5^0$ ଘ. $47^0$

୩୭. ଗୋଟିଏ ରମ୍ବସର ଦୁଇଟି କର୍ଣ୍ଣର ଦୈର୍ଘ୍ୟ ୧୦ ସେ.ମି. ଓ ୨୪ ସେ.ମି. ହେଲେ ଏହାର ପ୍ରତ୍ୟେକ ବାହୁର ଦୈର୍ଘ୍ୟ କେତେ ସେ.ମି. ?

କ. ୫ ଖ. ୧୨.

ଗ. ୭ ଘ. ୧୩

୩୮. $\frac{1}{\sin^2\theta}$ - $\frac{1}{\tan^2\theta}$ ର ମାନ ନିମ୍ନୋକ୍ତ କେଉଁଟି ସହ ସମାନ

କ. $\operatorname{cosec}\theta$ ଖ. $\sec\theta$

ଗ. ୦ ଘ. $1$

୩୯. ନିମ୍ନୋକ୍ତ କେଉଁ ଉକ୍ତିଟି ସତ୍ୟ ?

କ. $|x+y| \geq |x| + |y|$ ଖ. $|x-y| < |x| - |y|$

ଗ. $|x-y| > |x| - |y|$ ଘ. $|x - y| \geq ||x| - |y||$

୪୦. ତ୍ରିଭୁଜନ ଅଙ୍କନ ପାଇଁ ତିନୋଟି ତଥ୍ୟ ଆବଶ୍ୟକ ପଡୁଥିବାବେଳେ, ଚତୁର୍ଭୁଜ ଅଙ୍କନ ପାଇଁ ଅନ୍ୟୁନ କେତୋଟି ତଥ୍ୟ ଆବଶ୍ୟକ ?

କ. ତିନୋଟି ଖ. ଚାରୋଟି

ଗ. ପାଞ୍ଚୋଟି ଘ. ଛଅଟି

# ମୋ ଭାଷା ଓଡିଆ

ନାମ : ............................................................ ରୋଲ ନମ୍ବର : ..........................

ଶ୍ରେଣୀ : ...................................................... ବ୍ଲକ୍ : .......................................

ବିଦ୍ୟାଳୟର ନାମ: ..............................................................................................

ଜିଲ୍ଲା : ...............................................................................................................

ସୂଚନା : * ଏହା ପରୀକ୍ଷା ନୁହେଁ ।

* ଏକ ଘଣ୍ଟା ମଧ୍ୟରେ ପ୍ରଶ୍ନାବଳୀର ଉତ୍ତର ଦେବା ପାଇଁ ଚେଷ୍ଟାକର ।

* ଦିଆଯାଇଥିବା ପ୍ରତ୍ୟାଶିତ ଉତ୍ତରରୁ (କ,ଖ, ଗ ଓ ଘ) ଯେଉଁଟି ଠିକ୍, ତାର ଚାରିପଟେ ଗୋଲ / ମୁଣ୍ଡୁଳା ବୁଲାଇ ଚିହ୍ନାଅ ।

୧. ଅକ୍ଷରଗୁଡ଼ିକ ସଜାଇ ଠିକ୍ ଶବ୍ଦ ଗଠନ କର ।

ଅସ୍ୟାବାମା = ....................................

ନଳନ୍ଦୋଆ = ....................................

ଦଶୀଆର୍ବା = ....................................

୨. ନିମ୍ନରେ କେତୋଟିର ପ୍ରତିଶବ୍ଦ ଦିଆଯାଇଛି । ତନ୍ମଧ୍ୟରୁ କେଉଁଟିର ପ୍ରତିଶବ୍ଦ ମେଳ ଖାଉନାହିଁ ବାଛ ।

(କ) ଚନ୍ଦ୍ର, ଜହ୍ନ, ଶଶି, ନିଶାମଣି (ଖ) ଖଗ, ଚଢ଼େଇ, ବିହଙ୍ଗ, ଦ୍ୱିଜ

(ଗ) ଧରା, ଧରଣୀ, ଧରିତ୍ରୀ, ଧମନୀ (ଘ) ସାଗର, ସିନ୍ଧୁ, ପାରାବାର, ରତ୍ନାକର

୩. ତଳେ କେତୋଟି ପଦ୍ୟର ଗଦ୍ୟରୂପ ଦିଆଯାଇଛି । ସେଥି ମଧ୍ୟରୁ କେଉଁଟିର ଗଦ୍ୟରୂପ ଭୁଲ ରହିଛି ଦର୍ଶାଅ ।

(କ) ଯତନ - ଯତ୍ନ (ଖ) ଭକତି - ଭକ୍ତି (ଗ) ପରାଣ -ପ୍ରାଣ (ଘ) କରମ-କ୍ରମ

୪. କୋଣାର୍କ ମନ୍ଦିର କେଉଁଠି ତୋଳାଯାଇଥିଲା ?

(କ) ଚନ୍ଦ୍ରଭାଗା ମୁହାଣରେ (ଖ) ବ୍ରାହ୍ମଣୀ ନଦୀ କୂଳରେ

(ଗ) ପ୍ରାଚୀ କୂଳରେ (ଘ) ମହାନଦୀ ମୁହାଣରେ

୫. ମୋହନ ଦାସ କରମଚାନ୍ଦ କେଉଁ ନାମରେ ପରିଚିତ ନୁହଁନ୍ତି ?

(କ) ସ୍ୱାମିଜୀ (ଖ) ବାପୁଜୀ (ଗ) ଗାନ୍ଧିଜୀ (ଘ) ଜାତିର ଜନକ

୬. ବିପରୀତ ଅର୍ଥବୋଧ ଦୃଷ୍ଟିରୁ କେଉଁ ଶବ୍ଦଟି ଭୁଲ ଅଛି ଚିହ୍ନାଅ ।

(କ) ନିର୍ଦ୍ଧନ - (ଖ) ନିର୍ଲୋଭ-

(ଗ) ନିର୍ଦ୍ଦୋଷ - (ଘ) ଅଜ୍ଞାନୀ -

୭. ଯେପରି ପ୍ରକୃତିରୁ "ପ୍ରାକୃତିକ" ସେହି ନିୟମ ଅନୁଯାୟୀ କେଉଁଟି ଠିକ୍ ନୁହେଁ ।

(କ) ସମାଜରୁ ସାମାଜିକ (ଖ) ସମୁଦ୍ରରୁ ସାମୁଦ୍ରିକ

(ଗ) ଶିରାରୁ ଶାରୀରିକ (ଘ) ବର୍ଷରୁ ବାର୍ଷିକ

୮. ନିମ୍ନ ବାକ୍ୟ ମଧ୍ୟରୁ ଅସତ୍ୟ ଉକ୍ତିଟି ବାଛିଦିଅ ।

(କ) ପଳାଶ ଫୁଲର ବାସ୍ନା ନଥାଏ ।

(ଖ) ଗଙ୍ଗଶିଉଳି ସକାଳେ ଫୁଟି ସଂଜରେ ଝରିପଡେ ।

(ଗ) ପଦ୍ମ ଫୁଲ ପୋଖରୀ ଦଳରେ ଶୋଭା ପାଏ ।

(ଘ) ଟଗର ଫୁଲ ଧବଳ ବର୍ଣ୍ଣର ଅଟେ ।

୯. ନିମ୍ନଲିଖିତ ଉପାଧିଗୁଡ଼ିକ ସହିତ ଦିଆଯାଇଥିବା ବ୍ୟକ୍ତି ବିଶେଷଷଙ୍କ ନାମ ମଧ୍ୟରୁ କେଉଁଟି ଉପଯୁକ୍ତ ମେଳକ ନୁହେଁ ।

(କ) ଉତ୍କଳ ଗୌରବ ମଧୁସୂଦନ (ଖ) ଉତ୍କଳ ଭାରତୀ କୁନ୍ତଳାକୁମାରୀ

(ଗ) ଉତ୍କଳ ଘଣ୍ଟ ଯଦୁମଣି ମହାପାତ୍ର (ଘ) ଉତ୍କଳ କେଶରୀ ବିଜୁ ପଟ୍ଟନାୟକ

୧୦. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦଟି ବାଛି ଶୂନ୍ୟସ୍ଥାନ ପୂରଣ କର ।

ଜିନିଷ ସାଇତି ରଖିବା ଗୋଟିଏ ..... (କଠିନ/ଭଲ) କାମ । ସାଇତି ରଖିବାର ............. (ଅଭ୍ୟାସ/କଳା) ମଣିଷକୁ ଯତ୍ନଶୀଳ, ଦାୟିତ୍ୱବାନ ଓ ଶୃଙ୍ଖଳିତ କରିଥାଏ । ଏଭଳି ମଣିଷ ଜୀବନରେ କଦାପି ...............(ସୁବିଧା/ଅସୁବିଧା) ନାହିଁ ।

୧୧. ତଳଲିଖିତ ଅନୁଚ୍ଛେଦଟିକୁ ବିରାମ ଚିହ୍ନ ଦେଇ ପଢ । ଏବେ ଗଣି କୁହ କେତୋଟି ପୂର୍ଣ୍ଣଚ୍ଛେଦ (।) ରହିପାରିବ ।

ଭିତର କନିକା ଓଡ଼ିଶାର ଏକ ଅଭୟାରଣ୍ୟ ଏଠାରେ ଜୀବଜନ୍ତୁ ନିର୍ଭୟରେ ରହିଥାନ୍ତି ଏହି ଅଞ୍ଚଳ ବଉଳା କୁମ୍ଭୀର ଓ ଅଲିଭରିଡ଼୍ଲେ କଇଁଛ ପାଇଁ ସାରା ବିଶ୍ୱରେ ଜଣାଶୁଣା

(କ) ଦୁଇଟି (ଖ) ତିନୋଟି (୪) ଚାରୋଟି (ଗ) ପାଞ୍ଚୋଟି

୧୨. ଅସଜଡ଼ା ଶବ୍ଦଗୁଡ଼ିକୁ ସଜାଡ଼ି ଠିକ୍ ବାକ୍ୟ ଗଢ଼ ।

(କ) ରଥଯାତ୍ରା ହୁଏ ମାସରେ ଆଷାଢ଼ ପ୍ରତିବର୍ଷ ।

ଉତ୍ତର - ........................................

(ଖ) ଦେହକୁ ବ୍ୟାୟାମ ନିୟମିତ ରଖେ ସୁସ୍ଥ ।

ଉତ୍ତର - ........................................

୧୩. 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭର ଉପଯୁକ୍ତ ଶବ୍ଦକୁ ଯୋଡ଼ି ଲେଖ ।

| 'କ' | 'ଖ' | |
|---|---|---|
| ଶୀତ | ଫରଫର | ଉତ୍ତର - ........................................ |
| ଝରଣା | ଝରଝର | ଉତ୍ତର - ........................................ |
| ପତାକା | ଥରଥର | ଉତ୍ତର - ........................................ |
| | ସରସର | |

୧୪. ପ୍ରତ୍ୟେକ ଧାଡ଼ିରେ ଗୋଟିଏ ଶବ୍ଦ ବନାନ ଦୃଷ୍ଟିରୁ ଠିକ୍ ଅଛି । ସେଇଟି ବାଛି ପାଖ କୋଠରୀରେ ଲେଖ:

(କ) ଆସିଷ, ଆଶିଷ, ଆଶୀଷ, ଆସୀଷ ☐

(ଖ) ବିସ୍ମୟ, ବୀସ୍ମୟ, ବିଶ୍ମୟ, ବିଶ୍ମୟ ☐

(ଗ) ସନ୍ୟାସୀ, ସନ୍ନ୍ୟାସୀ, ସନ୍ୟାସି, ସନ୍ନ୍ୟାସି ☐

୧୫. ଗୋଟିଏ ଶବ୍ଦରେ ପ୍ରକାଶ କର :

(କ) ସେବା କରିଥାଏ ଯିଏ : ଉତ୍ତର - ............................................

(ଖ) ଅନ୍ନ ଦାନ କରିଥାନ୍ତି ଯିଏ : ଉତ୍ତର - ........................................

(ଗ) ପରୀକ୍ଷା କରାଏ ଯେ : ଉତ୍ତର - ............................................

୧୬. ତଳେ ଦିଆଯାଇଥିବା ପ୍ରତ୍ୟେକ ଶବ୍ଦପାଇଁ ଚାରୋଟି ଅର୍ଥ ଦିଆଯାଇଛି । ଠିକ୍ ଅର୍ଥଟି ବାଛି ଲେଖ

(କ) ବିଷାଦ = ବିଜ୍ଞାନ, କ୍ରୋଧ, ଦୁଃଖ, ଦକ୍ଷତା = .............

(ଖ) ପରମ୍ପରା = ପୂଜା, ପ୍ରଥା, ପ୍ରଗତି, ପ୍ରେରଣା = ...............

(ଗ) ସ୍ୱାକ୍ଷର = ଶିକ୍ଷିତ, ନିଜ ଅକ୍ଷର, ପଣ୍ଡିତ, ସ୍ୱୀକାର କରିବା = ....................

୧୭. ରେଖାଙ୍କିତ ପଦଗୁଡ଼ିକୁ ବଦଳାଇ ବନ୍ଧନୀରୁ ଉପଯୁକ୍ତ ଶବ୍ଦଟି ବାଛି ଲେଖ ।

(ନିଖୁଣ, ବେଉସା, ପହିଲା)

(କ) ପ୍ରତିମାସର ପ୍ରଥମ ଦିନ ରେ ମୋ ବାପା ଦରମା ପାଆନ୍ତି ।

(ଖ) ଲୋକଟିର କାମଧନ୍ଦା ବିଷୟରେ କେହି କିଛି ଜାଣି ନାହାନ୍ତି ।

(ଗ) ଶିଳ୍ପୀଟି ତ୍ରୁଟିହୀନ ଭାବରେ ମୂର୍ତ୍ତିଟି ଗଢ଼ିଛି ।

୧୮. ଦିଆଯାଇଥିବା ସଂଯୋଗ ଶବ୍ଦ ମଧ୍ୟରୁ ଉପଯୁକ୍ତ ଶବ୍ଦବାଛି ବାକ୍ୟଗୁଡ଼ିକୁ ଯୋଡ ।

(କ) ଗୀତା ଅସୁସ୍ଥ ଥିଲା .................. ପରୀକ୍ଷା ଦେଇ ପାରିଲା ନାହିଁ ।

(ଖ) କଲ୍ୟାଣୀ ଭଲ ଗୀତ ଗାଏ .......... ନାଚେ ।

(ଗ) ଅଞ୍ଜଳି ................ ଉଚ୍ଚସ୍ୱରରେ ଡାକିଲା, ଆମେ କେହି ଶୁଣି ପାରିଲୁ ନାହିଁ ।

(ଘ) ସ୍ୱର୍ଣ୍ଣ ଗୋଡରେ କଣ୍ଟା ପଶିଗଲା ............. ସେ ଦୌଡ଼ି ପଳାଇଲା ।

(ମାତ୍ର, ଯଦିଓ, ତେଣୁ, ଓ)

୧୯. 'ବୃକ୍ଷ ଆମର ବନ୍ଧୁ' ନାମରେ ତଳ ଲିଖିତ ଶବ୍ଦଗୁଡ଼ିକୁ ବ୍ୟବହାର କରି ପାଞ୍ଚଟି ବାକ୍ୟରେ ଅନୁଚ୍ଛେଦଟିଏ ଲେଖ। (ଅନ୍ୟୂନ ପାଞ୍ଚୋଟି ଶବ୍ଦ ବ୍ୟବହାର କର)

ଅମ୍ଳଜାନ, ଔଷଧ, ଛାଇ, ପବନ, ଚଢ଼େଇବସା, ଫୁଲଫଳ, ଦାନ

....................................................................................

....................................................................................

....................................................................................

....................................................................................

....................................................................................

୨୦. ନିମ୍ନଲିଖିତ ଶବ୍ଦଗୁଡ଼ିକର ପଦ୍ୟରୂପ କ'ଣ ହେବ ଲେଖ । ଯେପରି ସ୍ନେହ-ସେନେହ

ମର୍ତ୍ତ୍ୟ = ..................

ସର୍ଜନା = ...................

ଗୌରବ = ...................

୨୧. 'ଜନ୍ମ'ର ବିପରୀତ ଅର୍ଥ ବୋଧକ ଶବ୍ଦ 'ମୃତ୍ୟୁ' । ସେହିପରି ତଳ ଶବ୍ଦଗୁଡ଼ିକର ବିପରୀତ ଅର୍ଥବୋଧକ ଶବ୍ଦ ଲେଖ ।

କ୍ଷୁଦ୍ର = .....................

ପୁରସ୍କାର = ..................

ଉନ୍ନତି = .....................

୨୨. 'ରାଜା' ରୁ ଯେପରି 'ରାଣୀ' । ସେହିପରି ତଳ ଶବ୍ଦଗୁଡ଼ିକର ଲିଙ୍ଗ ପରିବର୍ତ୍ତନ କର ।

ନର = ........................

ନର୍ତ୍ତକ = .....................

ତପସ୍ୱୀ = .....................

୨୩. ଶବ୍ଦଗୁଡ଼ିକୁ ଅଭିଧାନ ଅନୁସାରେ ସଜାଇ ଲେଖ ।

ମାଣିକ, ଚଢ଼େଇ, ଘାବରା, ମଣିବନ୍ଧ

ଉ:............ , .................., ............., .................., .................

୨୪. ଶବ୍ଦ ଯୋଡ଼ି ମଧ୍ୟରୁ ଅର୍ଥ ଦୃଷ୍ଟିରୁ ଉପଯୁକ୍ତ ଶବ୍ଦଟି ଲେଖ ।

(କ) ଧର୍ମପଦ କୋଣାର୍କ ମନ୍ଦିରର ଚୁଡ଼ା / ଚୂଡ଼ା ସ୍ଥାପନ କରିଥିଲେ । ................

(ଖ) କାର୍ତ୍ତିକ ମାସରେ କାଳି / କାଳୀଙ୍କୁ ପୂଜା କରାଯାଏ । ...................

(ଗ) ନଈ କୁଳ / କୂଳରେ ଧୀର ପବନ ବହେ । ...................

୨୫. ନିମ୍ନରେ ଦିଆଯାଇଥିବା ପ୍ରତ୍ୟେକ ଧାଡ଼ିରୁ ଭିନ୍ନ ଶବ୍ଦଟିକୁ ବାଛି ମୁଣ୍ଡଳି ବୁଲାଅ ।

(କ) ଅଠା, ଖାତା, କଲମ, ବହି, ହାତୁଡି

(ଖ) ସନ୍ଧ୍ୟା, ସୂର୍ଯ୍ୟ, ସକାଳ, ରାତି

(ଗ) ଉତ୍କଳ ଦିବସ, ରଥଯାତ୍ରା, ରଜପର୍ବ, ଦୋଳପୂର୍ଣ୍ଣିମା

୨୬. ନିମ୍ନ ବାକ୍ୟରୁ ନାମ ବାଚକ ବିଶେଷ୍ୟ ପଦଗୁଡ଼ିକୁ ଚିହ୍ନାଅ ।

(କ) ଗୋପବନ୍ଧୁ ଆମର ଜଣେ ବରପୁତ୍ର । ...........

(ଖ) ମାଘ ମାସରେ ଭାରି ଶୀତ ହୁଏ । ..............

(ଗ) କବିମାନଙ୍କ ମଧ୍ୟରେ କାଳିଦାସ ପ୍ରଧାନ । .................

୨୭. କବିତାଟିକୁ ମନେ ପକାଇ ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି କବିତାଂଶଟି ପୂରଣ କର ।

............. ଫୁଟି ଛୋଟ ଫୁଲଟି ......... ଯାଏ ବାସ,

ଛୋଟ ............ ଯୋଗାଏ ଜଳ ଲୋକ .........ମାସ ।

(ବରଷ, କୂଅଟି, ବିତରି, କାନନେ, ଆକାଶେ, ପ୍ରଦୀପ)

୨୮. ତଳେ କେତେଗୁଡ଼ିଏ ଶବ୍ଦ ଓ ବିପରୀତ ଅର୍ଥ ବୋଧକ ଶବ୍ଦ ମିଶାମିଶି ହୋଇ ରହିଛି । ସେଗୁଡ଼ିକୁ ବାଛି : ଦୁଇଟି ସ୍ତମ୍ଭରେ ଲେଖ ।

ପ୍ରଚୀନ, ଜ୍ୟୋଷ୍ଠା, ଅନୁରାଗ, ଆନନ୍ଦ, ବିରାଗ, ନବୀନ, କନିଷ୍ଠା, ନିରାନନ୍ଦ ।

| 'କ'ସ୍ତମ୍ଭ | 'ଖ'ସ୍ତମ୍ଭ |
|---|---|

୨୯. ନିର୍ଦ୍ଦେଶ ଅନୁସାରେ ଉତ୍ତର ଦିଅ ।

(କ) ଯେପରି ଥରକୁ ଥର : ପ୍ରତିଥର । ସେହିପରି ଦିନକୁ ଦିନ : ..................

(ଖ) ଯେପରି ଖରାପ କାମ କୁକର୍ମ । ସେପରି ଖରାପ ପଥ :...............

(ଗ) ଯେପରି ଭାବନାର ପରିବର୍ତ୍ତନ : ଭାବାନ୍ତର । ସେହିପରି ଦେଶର ପରିବର୍ତ୍ତନ : ....................

୩୦. ଅନୁଚ୍ଛେଦଟି ମନଦେଇ ପଢ଼ି ନିଜ ଭାଷାରେ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

ବିଲେର ବାପା ବିଶ୍ୱନାଥ ଦତ୍ତ କଲିକତା ଉଚ୍ଚ ବିଚାରଳୟରେ ଓକିଲାତି କରୁଥିଲେ । ଜ୍ଞାନୀ ଓ ଦାନୀ ଭାବରେ ସେ ସୁନାମ ଅର୍ଜନ କରିଥିଲେ । ମା ଭୁବନେଶ୍ୱରି ମଧ୍ୟ ଥିଲେ ଧର୍ମପରାୟଣ ଓ ଦାନଶୀଳା । ଅନେକ ଦିନ ଯାଏଁ ସେମାନଙ୍କର କୌଣସି ସନ୍ତାନ ଜାତ ହୋଇନଥିଲା । ଶେଷରେ ଭୁବନେଶ୍ୱରୀ କାଶୀର ବିଲେଶ୍ୱର ମହାଦେବଙ୍କୁ ପୂଜା କରି ଏଇ ପୁଅଟିକୁ ପାଇଥିଲେ ବୋଲି କୁହନ୍ତି । ସେଥିପାଇଁ ତାଙ୍କୁ ଡାକୁଥିଲେ 'ବିଲେ' ।

(କ) ପିଲାଟିକୁ ବିଲେ ବୋଲି କାହିଁକି ଡାକୁଥିଲେ ?

ଉ...................................................................................................

.....................................................................................................

(ଖ) ବିଶ୍ୱନାଥ ଦତ୍ତ କିଭଳି ଲୋକ ଥିଲେ ?

ଉ...................................................................................................

.....................................................................................................

୩୧. ନିମ୍ନଲିଖିତ ବାକ୍ୟଗୁଡ଼ିକରୁ ବିଶେଷଣ ପଦଗୁଡ଼ିକୁ ଚିହ୍ନାଇ ଦିଅ ।

(କ) ଧୀର ପାଣି ପଥର କାଟେ । ଉ ..........................

(ଖ) ମେଘାସନ କପିଳାସଠାରୁ ଉଚ୍ଚତର । ଉ ..........................

(ଗ) ବିନୟୀ ଲୋକ ମଧୁର ବଚନ କରିଥାଏ । ଉ ..........................

୩୨. ତଳ ଲିଖିତ ଶବ୍ଦ ଗୁଡ଼ିକର ସନ୍ଧିବିଚ୍ଛେଦ କର ।

ଜଗନ୍ନାଥ = ..............+..............

ଅନ୍ୟାନ୍ୟ = ..............+..............

ଇତ୍ୟାଦି = ..............+..............

୩୩. (କ) ଆମ୍ଭେମାନେ ଆଜି କଟକ ଯିବୁ । ଏଠାରେ ସର୍ବସମ ପଦଟି କିଏ ?

ଉତ୍ତର - ...............................

(ଖ) ଖପରା, ଫାଉଡା, କୁଲା, ଅଗ୍ନି ଶବ୍ଦ ମଧ୍ୟରୁ କେଉଁଟି ତତ୍‌ସମ ଶବ୍ଦ ?

ଉତ୍ତର - ...............................

୩୪. ନିମ୍ନଲିଖିତ ଶବ୍ଦଗୁଡ଼ିକର ଏକାଧିକ ଅର୍ଥ ରହିଛି । ଅର୍ଥର ଭିନ୍ନତା ଆଣିବା ପାଇଁ ପ୍ରତିଶବ୍ଦକୁ ନେଇ ଭିନ୍ନ ଭିନ୍ନ ବାକ୍ୟ ଗଠନ କର ।

ଜାତ = ..............

ଯାତ = ..............

ଶର = ..............

ସର = ..............

୩୫. ଭୀଷଣ ଜ୍ୱର ଯୋଗୁଁ ତୁମେ ଗତକାଲି ବିଦ୍ୟାଳୟରେ ଅନୁପସ୍ଥିତ ଥିଲ । ଛୁଟି ମଞ୍ଜୁର ପାଇଁ ପ୍ରଧନ ଶିକ୍ଷକଙ୍କ ନିକଟକୁ ଦରଖାସ୍ତଟିଏ ଲେଖ ।

ପ୍ରାପକ:

ମାନନୀୟ ଶ୍ରୀଯୁକ୍ତ ..........................

.........................................

(ଶ୍ରେଣୀ ଶିକ୍ଷକଙ୍କ ଜରିଆରେ)

.........................................

ମହାଶୟ,

.........................................................................................

.........................................................................................

.........................................................................................

.........................................................................................

ଆପଣଙ୍କର..........

ସ୍ଥାନ ..........................

ତାରିଖ ଶ୍ରେଣୀ...... ବିଭାଗ......

ରୋଲନଂ................

୩୬. ଯେପରି ପିଇବାର ଇଚ୍ଛା 'ପିପାସା' । ସେହିପରି

ଲାଭ କରକିବାର ଇଚ୍ଛା -....................

ଜୟ କରିବାର ଇଚ୍ଛା -......................

(ଜିଜ୍ଞାସା, ଜିଗୀସା, ଲିପସା)

୩୭. ବନ୍ଧନୀ ମଧ୍ୟରୁ ଠିକ୍ ବିଗ୍ରହ ବାକ୍ୟଟି ବାଛି ଲେଖ ।

(କ) ଘନଶ୍ୟାମ = (ଘନ ଓ ଶ୍ୟାମ, ଘନ ପରି ଶ୍ୟାମ, ଯେ ଘନ ସେ ଶ୍ୟାମ)

ଉତ୍ତର - ............................

(ଖ) ପ୍ରତିକୂଳ = (ସବୁ କୂଳ, ଏ କୂଳରୁ ସେ କୂଳ, କୂଳର ବିପରୀତ)

ଉତ୍ତର - ............................

୩୮. ନିଶାଚର ମାତିବାର ଶୁଭୁଛି ଶ୍ରୁତିକି । ଏଠାରେ ନିଶାଚରର ଅର୍ଥ କନ ?

(କ) ଯିଏ ନିଶା ସେବନ କରେ ।

(ଖ) ଯିଏ ରାତିରେ ଗମନ କରେ ।

(ଗ) ରାକ୍ଷସ

(ଘ) ଯାହାର ନାମ ନିଶା

୩୯. 'ସୁଗମ' ଶବ୍ଦଟି ସୁ ଉପସର୍ଗକୁ ନେଇ ଗଠିତ । ଏହିଭଳି ସୁ ଉପସର୍ଗକୁ ନେଇ ଗଠିତ ଆଉ ଦୁଇଟି ଶବ୍ଦ ଲେଖ ।

(କ)............................... (ଖ) ..............................

୪୦. ତୁମ ବିଦ୍ୟାଳୟରେ ସ୍ୱାଧୀନତା ଦିବସ କିମ୍ବା ସାଧାରଣତନ୍ତ୍ର ଦିବସ କେବେ କିପରି ପାଳନ କରିଛ ବର୍ଣ୍ଣନା କରି ସଂକ୍ଷେପରେ ବନ୍ଧୁ ନିକଟକୁ ପତ୍ରଟିଏ ଲେଖ ।

ପ୍ରିୟବଂଧୁ .........,

..........

..........

ଠିକଣା

ପ୍ରେରକ ................................ ଗ୍ରାହକ ....................................

.................................... ....................................

# ସାଧାରଣ ବିଜ୍ଞାନ

ନାମ : ........................................... ରୋଲ ନମ୍ବର : ..........................

ଶ୍ରେଣୀ : ........................................... ବ୍ଲକ୍ : ........................................

ବିଦ୍ୟାଳୟର ନାମ: ..........................................................................

ଜିଲ୍ଲା : ..........................................................................................

ସୂଚନା : * ଏହା ପରୀକ୍ଷା ନୁହେଁ ।

* ଏକ ଘଣ୍ଟା ତିରିଶ ମିନିଟ ମଧ୍ୟରେ ପ୍ରଶ୍ନାବଳୀର ଉତ୍ତର ଦେବା ପାଇଁ ଚେଷ୍ଟାକର ।

* ଦିଆଯାଇଥିବା ପ୍ରତ୍ୟାଶିତ ଉତ୍ତରରୁ (କ,ଖ, ଗ ଓ ଘ) ଯେଉଁଠି ଠିକ୍, ତାର ଚାରିପଟେ ଗୋଲ / ମୁଣ୍ଡୁଳା ବୁଲାଇ ଚିହ୍ନାଅ ।

୧. ଗଛରେ ନଥିବା କିନ୍ତୁ ମଣିଷ ଶରୀରରେ ରହୁଥିବା ଅଂଗଟି କ'ଣ ?

(କ) ପତ୍ର (ଖ) ଫୁଲ (ଗ) ଗୋଡ଼ (ଘ) ଚେର

୨. ନିମ୍ନରେ ଦିଆଯାଇଥିବା ଗଛ ଗୁଡ଼ିକ ମଧ୍ୟରୁ କେଉଁ ଗଛଟିରେ ଗୁଚ୍ଛମୂଳ ଥାଏ ?

(କ) ଗେଣ୍ଡୁ (ଖ) ଲଙ୍କା (ଗ) ବାଇଗଣ (ଘ) ଧାନ

୩. ଆମ ଚକ୍ଷୁ ଉପରେ କେଉଁ କାର୍ଯ୍ୟ ଖରାପ ପ୍ରଭାବ ପକାଇଥାଏ ?

(କ) ପାଖରୁ ଟି.ଭି. ଦେଖିଲେ (ଖ) ସୂର୍ଯ୍ୟଙ୍କୁ ସିଧା ଚାହିଁଲେ

(ଗ) ଧୂଆଁ ଓ ଗ୍ୟାସ ଆଖିରେ ଲାଗିଲେ (ଘ) ଉପରୋକ୍ତ ସମସ୍ତ କାର୍ଯ୍ୟରେ

୪. ମାଟି ତଳେ ଥିଲେ ମଧ୍ୟ କେଉଁଟି ଏକ କାଣ୍ଡ ଅଟେ ।

(କ) ପିଆଜ (ଖ) ଖମ୍ବଆଳୁ (ଗ) ଅଦା (ଘ) ଗାଜର

୫. ପୃଥିବୀ ନିଜ କକ୍ଷ ଚାରିପଟେ ଥରେ ଘୁରିବାକୁ କେଉଁ ଗତି କୁହାଯାଏ ?

(କ) ଆବର୍ତ୍ତନ (ଖ) ପରିକ୍ରମଣ (ଗ) ଚକ୍ରାକାର (ଘ) ଘୂର୍ଣ୍ଣନ

୬. ଭୂଗୋଳକରେ ଗ୍ଲୋବ ମଧ୍ୟଭାଗରେ ଟଣାଯାଇଥିବା କାଳ୍ପନିକ ରେଖାକୁ କ'ଣ କୁହାଯାଏ ?

(କ) ଉତ୍ତର ଗୋଲାର୍ଦ୍ଧ (ଖ) ଦକ୍ଷିଣ ଗୋଲାର୍ଦ୍ଧ (ଗ) ବିଷୁବ ବୃତ୍ତ (ଘ) ଅକ୍ଷରେଖା

୭. ନିମ୍ନ ଜୀବମାନଙ୍କ ମଧ୍ୟରୁ କେଉଁଟି ଅଣୁଜୀବ ଅଟେ ?

(କ) କବକ (ଖ) ମାଛ (ଗ) ଜିଆ (ଘ) ୫ ପିମ୍ପୁଡି

୮. କେଉଁ ଉକ୍ତିଟି ଠିକ୍ ଅଟେ ?

(କ) ରକ୍ତ ହୀନତା ଆୟୋଡିନ ଦ୍ୱାରା ହୋଇଥାଏ ।

(ଖ) କାଛୁ କୁଣ୍ଡିଆ ଏକ ସଂକ୍ରାମକ ରୋଗ ।

(ଗ) ମ୍ୟାଲେରିଆ ମାଛି ଦ୍ୱାରା ବ୍ୟାପିଥାଏ ।

(ଘ) ପ୍ରତିଷେଧକ ଟିକା ନେବା ଅନୁଚିତ ।

୯. ମନୁଷ୍ୟ ଶରୀରର ସାଧାରଣ ତାପମାତ୍ରା କେତେ ଅଟେ ?

(କ) ୯୪.୮°F (ଖ) ୯୯.୪°F (ଗ) ୯୮.୪°F (ଘ) ୪୯.୮°F

୧୦. କେଉଁ ଉପକରଣ କାର୍ଯ୍ୟକାରୀ ହେଲେ ବିଦ୍ୟୁତ୍ ଶକ୍ତି ତାପ ଶକ୍ତିରେ ରୂପାନ୍ତରିତ ହୋଇଥାଏ ?

(କ) ରେଡ଼ିଓ ବାଜିଲେ (ଖ) ବିଦ୍ୟୁତ୍ ଇସ୍ତ୍ରୀ ଗରମ ହେଲେ

(ଗ) ଟି.ଭି. ଲାଗିଲେ (ଘ) କଲିଂ ବେଲ୍ ବାଜିଲେ

୧୧. ନିମ୍ନରେ ଦିଆଯାଇଥିବା କେଉଁ ଯୋଡ଼ା ଠିକ୍ ନୁହେଁ ?

(କ) କାଠ : ଅସ୍ୱଚ୍ଛ (ଖ) ସୁନା : ଧାତୁ (ଗ) ଚିନି : ଦ୍ରବଣୀୟ

(ଘ) ଲୁହା : ଭାସିବା

୧୨. ୨୮.୬ କି.ମି. ଦୂରତାକୁ ମିଟରରେ ପ୍ରକାଶ କଲେ କେତେ ହେବ ?

(କ) ୨୮୬୦ମି. (ଖ) ୨୮୬୦୦ମି. (ଗ) ୨୮୦୬ମି. (ଘ) ୨୮୦୦୬ମି.

୧୩. ସୂଚୀ ଚୁମ୍ବକର ମେରୁ ସଂଖ୍ୟା କେତେ ?

(କ) ୨ (ଖ) ୩ (ଗ) ୪ (ଘ) ମେରୁନଥାଏ

୧୪. ଆକାଶରେ ବିଜୁଳି ମାରିବା କେଉଁ ପ୍ରକ୍ରିୟା ଅଟେ ?

(କ) ଭୌତିକ (ଖ) ଆକସ୍ମିକ (ଗ) ବୈଦ୍ୟୁତିକ (ଘ) ରାସାୟନିକ

୧୫. କେଉଁ ଆବର୍ଜନା ଆମ ପାଇଁ ଯେତିକି ଉପଯୋଗୀ, ତାଠାରୁ ଅଧିକ ବିପଦଯୁକ୍ତ ।

(କ) କାଚ (ଖ) ପ୍ଲାଷ୍ଟିକ (ଗ) ପରିବା ଛେପା (ଘ) ଧାତବ ଡବା

୧୬. ଅମ୍ଳ ଓ କ୍ଷାରକ ମଧ୍ୟରେ ପ୍ରତିକ୍ରିୟା ହୋଇ କେଉଁ କେଉଁ ପଦାର୍ଥ ନିର୍ଗତ ହୁଏ ?

(କ) ଲବଣ ଓ ଜଳ (ଖ) ଲବଣ ଓ କ୍ଷାର (ଗ) ଅମ୍ଳ ଓ ଜଳ (ଘ) ଅମ୍ଳ ଓ ଲବଣ

୧୭. କେଉଁ ପ୍ରାଣୀର ଲୋମରୁ ପଶମ ମିଳେ ନାହିଁ ?

(କ) ଅଙ୍ଗୁରାଛେଳି (ଖ) ଓଟ (ଗ) ଲୋମଶ କୁକୁର (ଘ) ଲାମା

୧୮. ମନୁଷ୍ୟ ପାକକ୍ରୀୟାରେ ଶାଗ ସହଜରେ ହଜମ ହୁଏ ନାହିଁ, କାରଣ ଆମ ଶରୀରରେ

(କ) ଖାଦ୍ୟ ନଳୀ ନଥାଏ (ଖ) ସିକମ ନଥାଏ

(ଗ) ପାକସ୍ଥଳୀ ନଥାଏ (ଘ) ବୃହଦନ୍ତ ନଥାଏ

୧୯. ଲାଲ ମାଟି ସହ କାଦୁଅ ଓ ଗୋଡ଼ି ମିଶିଥିଲେ କେଉଁ ମାଟି ସୃଷ୍ଟି ହୁଏ ?

(କ) ପଟୁ ମାଟି (ଖ) କଳା ମାଟି (ଗ) ଲାଲ ମାଟି (ଘ) ମାଙ୍କଡ଼ା ମାଟି

୨୦. ସମତଳ ଦର୍ପଣରେ କେଉଁ ପ୍ରକାରର ପ୍ରତିବିମ୍ବ ଗଠିତ ହୋଇଥାଏ ?

(କ) ସଳଖ ଓ ବାସ୍ତବ (ଖ) ସଳଖ ଓ ଆଭାସୀ

(ଗ) ଓଲଟା ଓ ବାସ୍ତବ (ଘ) ଓଲଟା ଓ ଅଭାସୀ

୨୧. ନିମକ୍ତୋ ପଦାର୍ଥ ମାନଙ୍କ ମଧ୍ୟରେ କେଉଁଟି ରାସାୟନିକ ସାର ନୁହେଁ ?

(କ) ୟୁରିଆ (ଖ) ୨-୪-D (ଗ) ପଟାସ (ଘ) ଏନ.ପି.କେ

୨୨. କୃତ୍ରିମ ଉଲ ରୂପେ କେଉଁ ପ୍ଲାଷ୍ଟିକ୍ ପରିଚିତ ?

(କ) ଏକ୍ରିଲିକ (ଖ) ଫର୍ମିକା (ଗ) ପଲିଷ୍ଟିରନ (ଘ) ମେଲାମାଇନ

୨୩. ଶିଖାର ଆଲୋକ ପ୍ରଦାନକାରୀ ମଣ୍ଡଳକୁ କ'ଣ କୁହାଯାଏ ?

(କ) ଦିପ୍ତିହୀନମଣ୍ଡଳ (ଖ) ଦିପ୍ତିମାନ ମଣ୍ଡଳ (ଗ) ଅତିଦିପ୍ତ ମଣ୍ଡଳ (ଘ) ଉଜ୍ଜଳ ମଣ୍ଡଳ

୨୪. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଧ୍ୱନିର ଆବୃତ୍ତି ଉପରେ ନିର୍ଭର କରେ ?

(କ) ଧ୍ୱନିପ୍ରବଣତା (ଖ) ଧ୍ୱନିର ତାରତ୍ୱ (ଗ) ଧ୍ୱନିର ଗୁଣ (ଘ) ଧ୍ୱନିତରଙ୍ଗର ଆୟାମ

୨୫. ବସ୍ତୁର ଅବସ୍ଥା ପରିବର୍ତ୍ତନ ବେଳେ ଆବଶ୍ୟକ କରୁଥିବା ତାପକୁ କ'ଣ କୁହାଯାଏ ?

(କ) ଗୁପ୍ତତାପ (ଖ) ତରଳନ (ଗ) ସ୍ଫୁଟନ (ଘ) ଗଳନାଙ୍କ

୨୬. କେଉଁଟି ପ୍ଲାଣ୍ଟିର ଅନ୍ତର୍ଭୁକ୍ତ ।

(କ) ଆଞ୍ଜିଓସ୍ପର୍ମ (ଖ) ଏକାଇନୋଡର୍ମୀ (ଗ) ଆର୍ଥ୍ରୋପଡ଼ା (ଘ) ପୋରିଫେରା

୨୭. କେଉଁ ପଦ୍ଧତିରେ କ୍ଷୀରକୁ ଲହୁଣୀରୁ ଅଲଗା କରାଯାଏ ?

(କ) କ୍ରୋମାଟୋଗ୍ରାଫି (ଖ) ବାଷ୍ପଭବନ (ଗ) କେନ୍ଦ୍ରାପସାରଣ (ଘ) ଉର୍ଦ୍ଧ୍ୱପାତନ

୨୮. ନିମ୍ନ ଚିତ୍ର ମଧ୍ୟରୁ କେଉଁଟି ପ୍ରାକନ୍ୟଷ୍ଟୀୟ କୋଷର ଚିତ୍ର ଅଟେ ।

(କ) 

(ଖ) 

(ଗ) 

(ଘ) 

୨୯. ଓଜୋନ ଅଣୁରେ କେତୋଟି ଅକ୍ସିଜେନ ପରମାଣୁ ଥାଏ ?

(କ) ଗୋଟିଏ (ଖ) ଦୁଇଟି (ଗ) ତିନୋଟି (ଘ) ଚାରୋଟି

୩୦. ମନୁଷ୍ୟ ଶରୀରରେ ପ୍ରତ୍ୟେକ ଜୀବକୋଷରେ କେତେ ଯୋଡା କ୍ରୋମୋଜୋମଥାଏ ?

(କ)୨୦ (ଖ) ୨୧ (ଗ) ୨୨ (ଘ) ୨୩

୩୧. ଏକ ମୋଲ କହିଲେ କେଉଁ ସଂଖ୍ୟାକୁ ବୁଝାଏ ?

(କ) $6.02 \times 10^{23}$ (ଖ) $60.2 \times 10^{23}$ (ଗ) $0.602 \times 10^{23}$ (ଘ)$6.02 \times 10^{-23}$

୩୨. କେଉଁ ଟିସୁ ମାନଙ୍କ ଦ୍ୱାରା ଉଦ୍ଭିଦର ବୃଦ୍ଧି ଘଟିଥାଏ ?

(କ) ସରଳଟିସୁ (ଖ) ମେରିଷ୍ଟୋମାଟିକ୍ ଟିସୁ

(ଗ) ଜଟିଳ ଟିସୁ (ଘ) ଏପିଥେଲିଆଲ୍ ଟିସୁ

୩୩. ମ୍ୟାଗ୍ନେସିୟମ କ୍ଲୋରାଇଡ୍ର ସଂକେତ ନିମ୍ନରୁ କେଉଁଟି ?

(କ) MgCL (ଖ) $Mg_2Cl$ (ଗ) MgCl (ଘ) $MgCl_2$

୩୪. ନଳିତା ଓ ଛଣପଟ କେଉଁ ଟିସୁର ଉଦାହରଣ ?

(କ) ଫ୍ଲୋଏମ ପାରେନକାଇମା (ଖ) ସିଭ ଟ୍ୟୁବ୍

(ଗ) ଫ୍ଲୋଏମ ଫାଇବର (ଘ) କମ୍ପାନିୟନସେଲ

୩୫. ସପୁଷ୍ପକ ଉଦ୍ଭିଦର କେଉଁଟି ପ୍ରଜନନ ଅଙ୍ଗ ?

(କ) ପତ୍ର (ଖ) ଫୁଲ (ଗ) ଫଳ (ଘ) ମଞ୍ଜି

୩୬. ପୁରୁଷଙ୍କଠାରେ କେଁଉ ଯୋଡା ଲିଙ୍ଗ ଗୁଣ ସୂତ୍ର ରହିଥାଏ ?

(କ) XX (ଖ) YY (ଗ) XY (ଘ) XX କିମ୍ବା YY

୩୭. ଟେବୁଲ ଡ୍ରୟାର ଖୋଲିବା ପାଇଁ କେଉଁ ବଳ ଦରକାର ?

(କ) ଟଣାବଳ (ଖ) ଠେଲାବଳ (ଗ) ମହାକର୍ଷଣ ବଳ (ଘ) ଅସଂସ୍ପର୍ଶକ ବଳ

୩୮. କାହାର ଦଳୀୟଦ୍ରବଣ ବିଦ୍ୟୁତ୍ କୁପରିବାହୀ ଅଟେ ?

(କ) ଲୁଣ (ଖ) ଚିନି (ଗ) କପର ସଲଫେଟ (ଘ) ଭିନେଗାର

୩୯. ମୌଳିକ Xର ପରମାଣୁ କ୍ରମାଙ୍କ ୧୨ ଅଟେ । ଏହାର ଇଲେକଟ୍ରନ୍ ସଂରଚନା ନିମ୍ନରୁ କେଉଁଟି ?

(କ)  (ଖ)  (ଗ)  (ଘ) 

୪୦. ନିମ୍ନଲିଖିତ ଗ୍ୟାସ ମଧ୍ୟରୁ କେଉଁଟି ଗ୍ରୀନହାଉସ ଗ୍ୟାସ ନୁହେଁ ?

(କ) ସଲଫର ଡାଇଅକ୍ସାଇଡ୍ (ଖ) କାର୍ବନ ଡାଇ ଅକ୍ସାଇଡ

(ଗ) ମିଥେନ (ଘ) ନାଇଟ୍ରୋଜେନ